# NATIONAL NEWS BULLETIN (ODIA)
## 17 February - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ସମସ୍ତ ଭାରତୀୟଙ୍କ ପାଇଁ ଏକ ସାମୁହିକ ଲକ୍ଷ୍ୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆରମ୍ଭ ହେଲା ଭାରତ ଓ ବାଂଲାଦେଶ ମଧ୍ୟରେ ସୀମା ସମନ୍ୱୟ ସମ୍ପର୍କିତ ସମ୍ମିଳନୀ ।
- ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ।
- ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍‌ର ୨୩ତମ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୁରୁ ମଧ୍ୟରେ ହେବ ମୁକାବିଲା ।

# ଧର୍ମେନ୍ଦ୍ର ପ୍ରଧାନ

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ସମସ୍ତ ଭାରତୀୟଙ୍କ ପାଇଁ ଏକ ସାମୂହିକ ଲକ୍ଷ୍ୟ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେ କହିଛନ୍ତି, ପରବର୍ତ୍ତୀ ୨୨ରୁ ୨୫ ବର୍ଷ ହେଉଛି ଅମୃତ କାଳ, ଯେଉଁ ସମୟ ମଧ୍ୟରେ ଭାରତ ଅନେକ ଗୁଡ଼ିଏ କ୍ଷେତ୍ରରେ ଶିଖରରେ ପହଞ୍ଚିବା ଲାଗି ଉଦ୍ୟମ ଆରମ୍ଭ କରିଛି । ଆଜି ଦିଲ୍ଲୀ ସ୍ଥିତ ହିନ୍ଦୁ ମହାବିଦ୍ୟାଳୟର ୧୨୬ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଏକବିଂଶ ଶତାବ୍ଦୀର ଗବେଷଣା, ଉଦ୍ଭାବନ, ଉଦ୍ୟୋଗ ଏବଂ ସମାଧାନର କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠା କରିବା ଲାଗି ଲକ୍ଷ୍ୟ ରଖିବା ଉଚିତ୍ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ନୂଆ ଶିକ୍ଷା ନୀତିରେ ଏଭଳି ବ୍ୟବସ୍ଥା କରାଯାଇଛି ଯାହା ଫଳରେ ଯୁବପିଢ଼ି ନିଯୁକ୍ତି ପାଇବା ପଛରେ ନ ଦଉଡ଼ି ଅନ୍ୟ ପାଇଁ ନିଯୁକ୍ତି ସୃଷ୍ଟିକାରୀ ହୋଇପାରିବେ ।

**V/O**

# ବିଏସ୍ଏଫ୍-ସମ୍ମିଳନୀ

ଭାରତ ଏବଂ ବାଂଲାଦେଶ ମଧ୍ୟରେ ଆଜିଠାରୁ ନୂଆଦିଲ୍ଲୀରେ ସୀମା ସମନ୍ୱୟ ସମ୍ପର୍କିତ ସମ୍ମିଳନୀ ଆରମ୍ଭ ହୋଇଛି । ଏହି ୫୫ତମ ମହାନିର୍ଦ୍ଦେଶକ ସ୍ତରୀୟ ସମ୍ମିଳନୀ ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଭାରତ ପକ୍ଷରୁ ବି.ଏସ୍.ଏଫ୍. ମହାନିର୍ଦ୍ଦେଶକ ଦଲଜିତ ସିଂହ ଚୌଧୁରୀ ପ୍ରତିନିଧିତ୍ୱ କରୁଥିବା ବେଳେ ବାଂଲାଦେଶର ସୀମା ସୁରକ୍ଷା ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଛନ୍ତି ମହାନିର୍ଦ୍ଦେଶକ ମେଜର ଜେନେରାଲ୍ ମହମ୍ମଦ ଅସରଫ୍ ଉଲ୍ ଜମାନ୍ ସିଦ୍ଦିକି ।

ଏହି ସମ୍ମିଳନୀରେ ଉଭୟ ଦେଶର ସେନା ମଧ୍ୟରେ ଉତ୍ତମ ସମନ୍ୱୟ ପ୍ରତିଷ୍ଠା ଉପରେ ଆଲୋଚନା ହେବ । ବାଂଲାଦେଶର ଅ-ସାମାଜିକ ତତ୍ତ୍ୱଙ୍କ ଦ୍ୱାରା ଭାରତୀୟ ସୀମା ସୁରକ୍ଷାବଳ ଯବାନ ଏବଂ ନାଗରିକଙ୍କ ଉପରେ ହେଉଥିବା ଆକ୍ରମଣ ରୋକିବା, ସୀମାପାର ଅପରାଧର ମୁକାବିଲା ଏବଂ ସୀମାରେ ବାଡ଼ ପ୍ରତିଷ୍ଠା ଆଦି ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

# ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରିଚାଳିତ ୨୦୨୫ ବୋର୍ଡ ପରୀକ୍ଷା ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ଅଭିଯୋଗକୁ ବୋର୍ଡ୍ ଖଣ୍ଡନ କରିଛି । କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ହେବା ଗୁଜବ ପ୍ରଚାର କରୁଛନ୍ତି । ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଅଯଥା ଭୟ ସୃଷ୍ଟି କରିବା ଲାଗି ଏଭଳି କରାଯାଉଥିବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ କହିଛି । ଏଭଳି ଗୁଜବ ପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସି.ବି.ଏସ୍.ଇ. ପକ୍ଷରୁ ସୂଚନା ଦିଆଯାଇଛି ।

ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ସଠିକ୍ ସୂଚନା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ **cbse.gov.in** ୱେବ୍‌ସାଇଟ୍‌ର ସହାୟତା ନେବାକୁ କୁହାଯାଇଛି ।

# ଫେକ୍ ଆଡଭଟାଇଜ୍‌ମେଣ୍ଟ

ଜାତୀୟ ଗ୍ରାମୀଣ ଉନ୍ନୟନ ମିଶନ୍ ପକ୍ଷରୁ ଦୁଇଟି ନିଯୁକ୍ତି ବିଜ୍ଞାପନକୁ ମିଥ୍ୟା ବୋଲି ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ କହିଛି ।

ଏନ୍.ଆର୍.ଡି.ଆର୍.ଏନ୍. କାର୍ଯ୍ୟାଳୟ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ ନାହିଁ ବୋଲି କୁହାଯାଇଛି । ଏଥିରେ କୁହାଯାଇଛି, ଦୁଇଟି ନକଲି ଜାତୀୟ ଗ୍ରାମୀଣ ଉନ୍ନୟନ ଏବଂ ରିକ୍ରିଏସନ୍ ମିଶନ୍ ୱେବ୍‌ସାଇଟ୍ ପକ୍ଷରୁ ଏହି ଜାଲ୍ ବିଜ୍ଞାପନ ଦିଆଯାଇଛି । ଜନସାଧାରଣଙ୍କୁ ସତର୍କତା ଅବଲମ୍ବନ କରିବା ଲାଗି ମନ୍ତ୍ରଣାଳୟ ଆହ୍ୱାନ ଦେଇଛି ।

## ଭିପି-ପଞ୍ଜାବ ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ପଞ୍ଜାବର ମୋହାଲି ସ୍ଥିତ ରାଷ୍ଟ୍ରୀୟ କୃଷି-ଖାଦ୍ୟ ଏବଂ ଜୈବ ବିନିର୍ମାଣ ସଂସ୍ଥାନର ଉଦ୍ୟମିତା ଓ କୌଶଳ ବିକାଶ କ୍ୟାମ୍ପସକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି ପ୍ରଥମେ ଦେଶ ନୀତିରେ ବିଶ୍ୱାସ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କିହଛନ୍ତି, କୌଣସି ବ୍ୟକ୍ତିଗତ କିମ୍ବା ରାଜନୈତିକ ସ୍ୱାର୍ଥ ଦେଶର ସ୍ୱାର୍ଥ ଠାରୁ ବଡ଼ ନୁହେଁ । ସେ କହିଛନ୍ତି, ଦେଶର ଆତ୍ମା ଗାଁରେ ରହିଛି । ବିକଶିତ ଭାରତ  କେବଳ ଏକ ସ୍ୱପ୍ନ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ଲକ୍ଷ୍ୟ ହେବା ଉଚିତ୍ । କୃଷି ଓ ଦୁଗ୍ଧ ଜାତ ଦ୍ରବ୍ୟ ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ପାଇଁ ସେ ଆହ୍ୱାନ ଦେଇଛନ୍ତି । କୃଷି କ୍ଷେତ୍ରରେ

ବୈଷୟିକ ଜ୍ଞାନକୌଶଳକୁ ଅନ୍ତର୍ଭୁକ୍ତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

## ଓଡ଼ିଶା ବଜେଟ୍

ଓଡ଼ିଶା ବିଧାନସଭାର ସପ୍ତଦଶ ଅଧିବେଶନରେ ଆଜି ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି । ଏଥିରେ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରାଯାଇଛି । ବଜେଟ୍‌ରେ ମୁଖ୍ୟତଃ କୃଷି କ୍ଷେତ୍ରକୁ ଅଗ୍ରାଧିକାର ଦିଆଯିବା ସହ ୩୭ ହଜାର ୮ ଶହ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

ମୁଖ୍ୟମନ୍ତ୍ରୀ କିଷାନ ଯୋଜନାରେ ୨ ହଜାର ୨୦ କୋଟି, ଫସଲ ବିବିଧତାର ପ୍ରସାର ପାଇଁ ୬୯୫ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନରେ ୬୫୦ କୋଟି ଏବଂ ସମୃଦ୍ଧ କୃଷକ ଯୋଜନାରେ ୬ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ବଜେଟ୍ ଅଭିଭାଷଣ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିକ୍ଷାର ବିକାଶ ପାଇଁ ଚଳିତ ଆର୍ଥିକ ବର୍ଷରେ ୩୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ । ଦକ୍ଷତା ବିକାଶ ପାଇଁ ନୂଆ ଓଡ଼ିଶା ଯୋଜନାରେ ୧୩୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ

ଯୋଜନାପାଇଁ ୪ ହଜାର ୪୭୯ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୨ ହଜାର ୯୧ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୩ ହଜାର ୮୮୧ କୋଟି, କର୍କଟ ରୋଗ ଚିକିତ୍ସା ପାଇଁ ୨୧୧ କୋଟି ଏବଂ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟୟୁନିଟ୍ ସ୍ଥାପନ ପାଇଁ ୨୬ କୋଟି ଟଙ୍କା ଖର୍ଚ୍ଚ ହେବ ।

ବଜେଟ୍‌ରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ପାଇଁ ୧ ହଜାର ୯୦୯ କୋଟି, ପରିବହନ ବ୍ୟବସ୍ଥାର ବିକାଶ ପାଇଁ ୧ ହଜାର ୮୫ କୋଟି ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୩ ହଜାର ୪୭୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ଲାଗି ପ୍ରସ୍ତାବ ରହିଛି ।

ସେହିପରି ଅନ୍ତ୍ୟୋଦୟ ଯୋଜନା ପାଇଁ ବଜେଟ୍‌ରେ ୭ ହଜାର ୫୫୦ କୋଟି ଟଙ୍କା ଓ ପି.ଏମ୍. ଜନମନ୍ ଯୋଜନାରେ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଯେଜାନା ରହିଛି ।

ବଜେଟ୍‌ରେ ମହିଳା ସଶକ୍ତୀକରଣ ପାଇଁ ସୁଭଦ୍ରା ଯେଜାନାରେ ୧୦ ହଜାର ୧୪୫ କୋଟି, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ୫୨୬ କୋଟି, ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନାରେ ୫୦୨ କୋଟି, ମୁଖ୍ୟମନ୍ତ୍ରୀ କନ୍ୟା ବୀମାଯୋଜନାରେ ୧୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । କ୍ରୀଡ଼ାର ବିକାଶ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ଏବଂ ପର୍ଯ୍ୟଟନର ବିକାଶ ପାଇଁ ୮୨୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଅଭିଭାଷଣରେ କହିଛନ୍ତି ।

**V/O**

## ରୁଷ-ୟୁକ୍ରେନ୍ ଡ୍ରୋନ୍

ରୁଷ ସେନା ଗତ ରାତିରେ ୟୁକ୍ରେନ୍ ଉପରେ ୧୪୭ ଡ୍ରୋନ୍ ଜରିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ୟୁକ୍ରେନ୍ ସେନା କହିଛି, ରୁଷର ବାୟୁସେନା ୧୪୭ଟି ଡ୍ରୋନ୍ ସହାୟତାରେ ଟାର୍ଗେଟ୍‌ରେ ପହଞ୍ଚିବାକୁ ଚେଷ୍ଟା କରୁଥିବା ବେଳେ ୟୁକ୍ରେନ୍ ୮୩ଟିକୁ ଧ୍ୱଂସ କରିଦେଇଛି । ରୁଷ ସେନା କହିଛି, ଡ୍ରୋନ୍ ଆକ୍ରମଣରେ ୟୁକ୍ରେନ୍‌ର ୯୦ଟି ଡ୍ରୋନ୍ ଏବଂ ଗୋଟିଏ କ୍ଷେପଣାସ୍ତ୍ର ନିରୋଧି ଯନ୍ତ୍ରାଂଶ ନଷ୍ଟ ହୋଇଛି । ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରକୁ ୮ଟି ଅଞ୍ଚଳରେ ଅଟକାଯାଇଥିବା ଜଣାପଡ଼ିଛି । ତେବେ ଏଥିରେ ଏ ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ ।

## ଅମିର୍ ଅଫ୍ କତାର-ଇଣ୍ଡିଆ ଭିଜିଟ୍(ପିଟିଆଇ)

ଦୁଇ ଦିନିଆ ଭାରତ ଗସ୍ତରେ ଆସୁଥିବା କତାରର ଅମିର୍ ଶେଖ୍ ତମିମ୍ ବିନ୍ ହମାଦ୍ ଅଲ୍-ଥାନି ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାରେ କତାରର ଅମିର୍ ନୂଆଦିଲ୍ଲୀରେ ପହଞ୍ଚିବାର କାର୍ଯ୍ୟସୂଚୀ

ରହିଛି । ବିଦେଶ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ରାତିରେ ତାଙ୍କ ସହ ଆଲୋଚନା କରିବେ । ଆସନ୍ତାକାଲି ରାଷ୍ଟ୍ରପତି ଭବନରେ କତାରର ଅମିର୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ । ପରେ ହାଇଦ୍ରାବାଦ୍ ହାଉସ୍ ଠାରେ ଭାରତ ଏବଂ କତାର ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ଏବଂ ସନ୍ଧ୍ୟାରେ ସେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ ।

ଏହି ଗସ୍ତ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି । ଅମିର୍‌ଙ୍କ ସହ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ଏକ ଉଚ୍ଚସ୍ତରୀୟ ବ୍ୟବସାୟିକ ପ୍ରତିନିଧି ଦଳ ଭାରତ ଆସୁଛନ୍ତି ।

# ଏକ୍ସପୋର୍ଟ ପ୍ରମୋସନ୍ ମିଶନ୍ (ପିଟିଆଇ)

୨୦୨୫-୨୬ ପାଇଁ କେନ୍ଦ୍ର ବଜେଟ୍‌ରେ ଘୋଷଣା କରାଯାଇଥିବା ରପ୍ତାନି ପ୍ରୋତ୍ସାହନ ମିଶନ୍ ଅଧୀନରେ ରପ୍ତାନିକାରୀଙ୍କ ପାଇଁ ଯୋଜନା ଚୂଡ଼ାନ୍ତ କରିବା ନିମନ୍ତେ ଆନ୍ତ ମନ୍ତ୍ରଣାଳୟ ବୈଠକ ଅନୁଷ୍ଠିତ ହେବ । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଷଡ଼ଙ୍ଗୀ କହିଛନ୍ତି, ଯୋଜନାର ବିବରଣୀ ପ୍ରସ୍ତୁତ ହେବା ପରେ କେନ୍ଦ୍ର କ୍ୟାବିନେଟ୍‌ର

ଅନୁମୋଦନ ଲୋଡ଼ା ଯିବ । ବାଣିଜ୍ୟ, ଏମ୍.ଏସ୍.ଏମ୍.ଇ. ଓ ଅର୍ଥମନ୍ତ୍ରଣାଳୟ ଏହି ସବୁ ଯୋଜନା ଉପରେ କାର୍ଯ୍ୟ କରୁଥିବା ଶ୍ରୀ ଷଡ଼ଙ୍ଗୀ କହିଛନ୍ତି । ଫେବୃୟାରୀ ୧ ତାରିଖରେ କେନ୍ଦ୍ର ସରକାର ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ୨ହଜାର ୨୫୦ କୋଟି ଟଙ୍କାର ରପ୍ତାନୀ ପ୍ରୋତ୍ସାହନ ମିଶନ୍ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଏହି ମିଶନ୍ ମାଧ୍ୟମରେ କେନ୍ଦ୍ର ସରକାର ରପ୍ତାନିକାରୀଙ୍କୁ ସହଜରେ ଋଣ ପ୍ରଦାନ, ସୀମାପାର ସହଯୋଗ ଏବଂ ବିଦେଶୀ ବଜାରରେ ସମର୍ଥନ ହାସଲ କରିବା ଲାଗି ସୁବିଧା ମିଳିପାରିବ ।

ଅନ୍ୟ ପକ୍ଷରେ କେନ୍ଦ୍ର ବାଣିଜ୍ୟ ସଚିବ ସୁନୀଲ ବର୍ଥୱାଲ କହିଛନ୍ତି, ଏହି ଯୋଜନାରେ ନୂଆ ରପ୍ତାନିକାରୀ ଉତ୍ପାଦ ଏବଂ ବଜାର ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ ।

## ନ୍ୟାସନାଲ୍ ପାରା ଆଥ୍‌ଲେଟିକ୍ସ(ପିଟିଆଇ)

ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍‌ର ୨୩ତମ ସଂସ୍କରଣ ଆସନ୍ତାକାଲି ଠାରୁ ଆରମ୍ଭ ହେବ । ଚେନ୍ନାଇ ସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧

ହଜାର ୪୭୬ ଜଣ ପାରା ଆଥ୍‌ଲେଟ୍ ଭାଗ ନେବେ । ଚେନ୍ନାଇ ପକ୍ଷରୁ ପ୍ରଥମଥର ପାଇଁ ଏହି ଚାମ୍ପିୟନ୍‌ସିପ୍ ଆୟୋଜନ କରାଯାଉଛି । ଏଥିରେ ୩୦ଟି ଦଳ ୧୫୫ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ । ପ୍ରତିଯୋଗିତାରେ ଜାଭେଲିନ୍‌ରେ ସୁମିତ ଆଣ୍ଟିଲ୍, ହ୍ୱିଲ୍ ଚେୟାର୍ ରେସିଂରେ ମନୋଜ ସବାପଥୀ, ସଟ୍‌ଫୁଟ୍‌ରେ ମନୋଜ ସିଙ୍ଗରାଜ, ହାଇଜମ୍ପରେ ମରିୟାପ୍ପା ଥାଙ୍ଗଭେଲୁ ପ୍ରମୁଖ ଅଂଶଗ୍ରହଣ କରିବେ ।

## ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍‌ରେ ଆଜି ସଂଧ୍ୟାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ମୁକାବିଲା ହେବ । ଆଜି ସଂଧ୍ୟା ୭ଟା ୩୦ ମିନିଟ୍ ସମୟରେ ଭଦୋଦରା କୋଟାମ୍ବି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜୁରାଟ ଜ୍ୟାଣ୍ଟ୍‌ସ ୬ ଓ୍ୱିକେଟ୍‌ରେ ୟୁପି ଓ୍ୱାରିୟର୍ସଙ୍କୁ ପରାସ୍ତ କରିଥିଲା । ଆଜି ସୁଦ୍ଧା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜୁରାଟ ଜ୍ୟାଣ୍ଟ୍‌ସ ୨ ପଏଣ୍ଟ ସହ ସମାନ ସ୍ଥିତିରେ ଅଛନ୍ତି ।